# NATIONAL NEWS BULLETIN (ODIA)

## 30 January - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଦେଶର ବିକାଶ ପ୍ରକ୍ରିୟା ଗତିଶୀଳ ରହିଛି, କହିଲେ ପ୍ରଧାନମନ୍ତ୍ରୀ ।
- ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଲାଗି ବିଶ୍ୱ ସୃଜନଶୀଳ ସୂଚକାଙ୍କରେ ୩୮ତମ ସ୍ଥାନକୁ ଭାରତ ଉନ୍ନିତ ।
- ତୃତୀୟଥର ପାଇଁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ୍ ପ୍ରମାଣପତ୍ର ହାସଲ କଲା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ।
- ବାଂଲାଦେଶରେ ସାମ୍ବାଦିକ ଓ ଗଣମାଧ୍ୟମ କର୍ମୀଙ୍କ ସୁରକ୍ଷା ଲାଗି ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍‌ର ପରାମର୍ଶ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍‌ରେ ୟୁ.ପି. ୱାରିୟର୍ସ୍‌କୁ ୮ ୱିକେଟ୍‌ରେ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ।

## ପିଏମ୍-ଇକୋନମିକ୍ ସର୍ଭେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଅର୍ଥନୈତିକ ସର୍ଭେ ଦର୍ଶାଉଛି ଯେ ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଭାରତର ବିକାଶ ପ୍ରକ୍ରିୟା ଗତିଶୀଳ ରହିଛି । ଗତକାଲି ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟ୍ ଭାରତର ସଂସ୍କାର ଏକ୍ସପ୍ରେସ୍ ସ୍ଥିରତା ଏବଂ ଉଦ୍ଦେଶ୍ୟ ସହ ଅଗ୍ରସର ହେଉଥିବା ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି, ଏହି ସର୍ଭେ ଭାରତର ଅର୍ଥନୈତିକ ଭିତ୍ତିଭୂମିର ଶକ୍ତି ଏବଂ ଅଭିବୃଦ୍ଧି, ନବସୃଜନ ଓ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ଆଗେଇ ନେବା ପାଇଁ ସରକାରଙ୍କ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି । ଶ୍ରୀ ମୋଦି କହିଛନ୍ତି, ଆର୍ଥିକ ସର୍ଭେ ଚାଷୀ, ଏମ୍ଏସ୍ଏମ୍ଇ, ନିଯୁକ୍ତି ଏବଂ ସାମାଜିକ କଲ୍ୟାଣ ଉପରେ ଧ୍ୟାନ ଦେଇ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ଗୁରୁତ୍ୱ ଦେଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଅଭିବୃଦ୍ଧି ଗତି ବଜାୟ ରଖିବା ଏବଂ ଏକ ସ୍ଥିର ଅର୍ଥନୀତି ଗଠନ କରିବା ପାଇଁ ଦୃଢ଼ତାର ସହିତ କାର୍ଯ୍ୟ ଜାରି ରଖିବେ ।

## ଇନୋଭେସନ୍ ଇଣ୍ଡେକ୍ସ ଇଣ୍ଡିଆ

ଆର୍ଥିକ ସର୍ଭେ ରିପୋର୍ଟ୍ ଅନୁଯାୟୀ ଗତ କିଛି ବର୍ଷ ମଧ୍ୟରେ ଭାରତର ନବସୃଜନ ଇକୋସିଷ୍ଟମ ଦୃଢ଼ ଏବଂ ସ୍ଥିର ବିକାଶ ଗତି ହାସଲ

କରିଛି । ୨୦୧୯ ରେ ଭାରତ ବିଶ୍ୱ ସୃଜନଶୀଳ ସୂଚକାଙ୍କରେ ୬୬ ତମ ସ୍ଥାନରେ ଥିବା ବେଳେ ୨୦୨୫ରେ ୩୮ ତମ ସ୍ଥାନକୁ ଉଠିପାରିଛି ।

ସର୍ଭେ ରିପୋର୍ଟ୍‌ରେ ଦିଆଯାଇଥିବା ସୂଚନା ଅନୁଯାୟୀ ଉତ୍ପାଦନ, ଗବେଷଣା, ଷ୍ଟାର୍ଟଅପ୍ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସରକାରୀ ପଦକ୍ଷେପ ଭାରତକୁ ନବସୃଜନ ଏବଂ ଶିଳ୍ପ ବିକାଶ ପାଇଁ ବିଶ୍ୱ କେନ୍ଦ୍ର ଭାବରେ ଉଭା ହେବା ଦିଗରେ ସହାୟକ ହୋଇଛି । ରିପୋର୍ଟ୍ ଅନୁଯାୟୀ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଘରୋଇ ଉତ୍ପାଦନ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଶେଷକରି ସ୍ମାର୍ଟଫୋନ୍ କ୍ଷେତ୍ରରେ ଅନେକ ବିଶ୍ୱସ୍ତରୀୟ ନିର୍ମାତା ସେମାନଙ୍କ ଉତ୍ପାଦନକୁ ଭାରତକୁ ସ୍ଥାନାନ୍ତର କରିଛନ୍ତି । ଗତବର୍ଷ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଅଧୀନରେ ପ୍ରକୃତ ନିବେଶ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଫଳରେ ୧୮ ଦଶମିକ୍ ୭/୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଅତିରିକ୍ତ ଉତ୍ପାଦନ ଓ ବିକ୍ରୟ ହୋଇଛି ।

ଏହି ଯୋଜନା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ୧୨ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି । ଅର୍ଥନୈତିକ ସର୍ଭେ ରିପୋର୍ଟ୍ ଅନୁଯାୟୀ ଭାରତ ନବସୃଜନ କ୍ଷେତ୍ରରେ ନିମ୍ନ ମଧ୍ୟମ ଆୟକାରୀ ଦେଶମାନଙ୍କ ମଧ୍ୟରେ ନେତୃତ୍ୱ ନେଉଛି ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଏସିଆ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି । ବେଙ୍ଗାଲୁରୁ, ଦିଲ୍ଲୀ ଏବଂ ମୁମ୍ବାଇ ଭଳି

ସହର ବିଶ୍ୱର ଶ୍ରେଷ୍ଠ ୫୦ଟି ନବସୃଜନ ସମ୍ପନ୍ନ ସହର ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିଛି । ଦେଶରେ ସାମଗ୍ରିକ ନବସୃଜନ ଉତ୍ପାଦନ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୨୪ରେ ଦେଶ ଟ୍ରେଡମାର୍କ ଫାଇଲିଂରେ ଚତୁର୍ଥ, ପ୍ୟାଟେଣ୍ଟରେ ଷଷ୍ଠ ଏବଂ ବିଶ୍ୱବ୍ୟାପୀ ଶିଳ୍ପ ଡିଜାଇନରେ ସପ୍ତମ ସ୍ଥାନରେ ଥିଲା। ଅର୍ଥନୈତିକ ସର୍ଭେରେ ସେମିକଣ୍ଡକ୍ଟର କ୍ଷେତ୍ରରେ ମଧ୍ୟ ଦୃଢ଼ ପ୍ରଗତି ହୋଇଥିବା କୁହାଯାଇଛି । ଗତବର୍ଷ ଅଗଷ୍ଟ ସୁଦ୍ଧା, ଛଅଟି ରାଜ୍ୟରେ ଦଶଟି ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ପ୍ୟାକେଜିଂ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ଏବଂ ଏଥିରେ ୧ ଦଶମିକ୍ ୬୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରାଯାଇଛି ।

# ପିଏମ୍-ବିଟିଂ ରିଟ୍ରିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧ୍ୱଜାବତରଣ ସମାରୋହ ୨୦୨୬ ପ୍ରଦର୍ଶନକୁ ସ୍ମରଣୀୟ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ପ୍ରଧାନମନ୍ତ୍ରୀ ଧ୍ୱଜାବତରଣର କିଛି ଦୃଶ୍ୟ ସେୟାର କରି କହିଛନ୍ତି, ସେନା ସାମରିକ ବ୍ୟାଣ୍ଡ ଦ୍ୱାରା ପ୍ରଦର୍ଶିତ ଧ୍ୱନି ଉତ୍କୃଷ୍ଟ ଥିଲା। ସେ କହିଛନ୍ତି, ଅପରେସନ୍ ସିନ୍ଦୁର, ବନ୍ଦେ ମାତରମର ୧୫୦ ବର୍ଷ, ଭାରତର ନାରୀ ଶକ୍ତିର କ୍ରିକେଟ୍‌ରେ ବିଜୟ ଏବଂ ଅଶ୍ନୀ ଡ୍ରୋନ୍, ଭୈରବ ବାଟାଲିୟନ ଏବଂ ପାରମ୍ପରିକ 'ଗରୁଡ଼ ବ୍ୟୁହ'ର ଉପସ୍ଥାପନ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା।

ଶ୍ରୀ ମୋଦୀ ଧ୍ୱଜାବତରଣ ସମାରୋହରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ବ୍ୟାଣ୍ଡ ଦ୍ୱାରା ବିବିଧ କାର୍ଯ୍ୟକ୍ରମର  ମଧ୍ୟ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ଧ୍ୱନିଗୁଡ଼ିକ ଆମ ରାଷ୍ଟ୍ରକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ଗର୍ବର ଭାବନାକୁ ପ୍ରତିଫଳିତ କରୁଛି ।

## ନୀତି ଆୟୋଗ ମାରିଟାଇନ୍

ନୀତି ଆୟୋଗ ଗତକାଲି ନୂଆଦିଲ୍ଲୀରେ ରାଜ୍ୟ ସାମୁଦ୍ରିକ ବୋର୍ଡ, ବନ୍ଦର ପରିଚାଳନାକାରୀ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ସହିତ ଏକ ପରାମର୍ଶଦାତା ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନୀତି ଆୟୋଗ ସୂଚନା ଦେଇଛନ୍ତି ଯେ ବୈଠକରେ ସାଧାରଣ ବନ୍ଦରଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଦେଶର ବନ୍ଦର-ନେତୃତ୍ୱାଧୀନ ବିକାଶ ଢାଞ୍ଚାରେ ସାଧାରଣ ବନ୍ଦରଗୁଡ଼ିକର ଭୂମିକାକୁ ସୁଦୃଢ଼ କରିବା ପାଇଁ ନୀତି ଏବଂ ସଂସ୍କାର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଲୋଚନା କାଳରେ ସମ୍ପୃକ୍ତ ବନ୍ଦରଗୁଡ଼ିକର କାର୍ଯ୍ୟଦକ୍ଷତା ଓ ପ୍ରତିଯୋଗିତାମୂଳକ ବିକାଶ ପାଇଁ ନିବେଶ ଓ ସଂସ୍କାର ସମ୍ପର୍କରେ ମତବିନିମୟ ହୋଇଥିଲା । ଆଲୋଚନାରେ ସାମୁଦ୍ରିକ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ପାଇଁ  ଆଲୋକପାତ କରାଯାଇଥିଲା ।

# ସେଲ୍-ସାର୍ଟିଫିକେଟ୍

ଦେଶର ସର୍ବବୃହତ ସରକାରୀ କ୍ଷେତ୍ରର ଇସ୍ପାତ ନିର୍ମାତାମାନଙ୍କ ମଧ୍ୟରୁ ଗୋଟିଏ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ଫେବୃଆରୀ ୨୦୨୬ ରୁ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ସାର୍ଟିଫିକେସନ୍ ହାସଲ କରିଛି । ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ବିସ୍ତୃତ ମୂଲ୍ୟାଙ୍କନ ପରେ, କ୍ରମାଗତ ତୃତୀୟ ଥର ପାଇଁ କମ୍ପାନୀକୁ ଏହି ପ୍ରମାଣପତ୍ର ମିଳିଥିବା କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ସୂଚନା ଦେଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ମାନ୍ୟତା ସମସାମୟିକ ଏବଂ କର୍ମଚାରୀଙ୍କ ବୃତ୍ତିଗତ ଓ ବ୍ୟକ୍ତିଗତ ଅଭିବୃଦ୍ଧି ସହିତ ଜଡ଼ିତ ସମନ୍ୱିତ କର୍ମକ୍ଷେତ୍ର ସଂସ୍କୃତିକୁ କମ୍ପାନୀର  ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

ଏହି ଅବସରରେ ସେଲ୍‌ର ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ ପ୍ରମାଣପତ୍ର ହାସଲ କରିବା ସଂଗଠନ ପାଇଁ ଏକ ଗର୍ବର ମୁହୂର୍ତ୍ତ । ସେ ଆହୁରି କହିଛନ୍ତି ଯେ ଏହି ମାନ୍ୟତା କର୍ମଚାରୀମାନେ କମ୍ପାନୀରେ ରଖିଥିବା ବିଶ୍ୱାସ ଏବଂ ଏହାର ନେତୃତ୍ୱ ସାମୂହିକ ଭାବରେ ନିର୍ମାଣ କରୁଥିବା ସଂସ୍କୃତିକୁ ପ୍ରତିଫଳିତ କରେ ।

# ବାଂଲା-ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍

ମାନବାଧିକାର ସଂଗଠନ ଆମନେଷ୍ଟି ଇଣ୍ଟରନ୍ୟାସନାଲର ମହାସଚିବ ଆଗ୍ନେସ୍ କାଲାମାର୍ଡ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ପତ୍ର ଜରିଆରେ ସାମ୍ବାଦିକଙ୍କ ବିରୁଦ୍ଧରେ ଆତଙ୍କବାଦ ବିରୋଧୀ ଆଇନର ଅପବ୍ୟବହାର ନେଇ ଜଣାଇଛନ୍ତି । ଲୋକମାନଙ୍କ ଜୀବନ, ବ୍ୟକ୍ତିଗତ ସୁରକ୍ଷା ଏବଂ ଅଭିବ୍ୟକ୍ତି ଓ ସଂଗଠନର ଅଧିକାରକୁ ସୁରକ୍ଷା ଦେବାରେ ବାଂଲାଦେଶୀ କର୍ତ୍ତୃପକ୍ଷ ବିଫଳତା ହୋଇଥିବା ସେ କହିଛନ୍ତି । ଶ୍ରୀ କାଲାମାର୍ଡ ବାଂଲାଦେଶରେ ଆସନ୍ତା ଫେବୃଆରୀ ୧୨ ତାରିଖରେ ହେବାକୁ ଥିବା ନିର୍ବାଚନ ସମୟରେ ମାନବାଧିକାରର ସୁରକ୍ଷା ନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ବାଂଲାଦେଶ ସରକାରଙ୍କୁ କହିଛନ୍ତି । ଏଥିରେ ସାମ୍ବାଦିକ ଏବଂ ସମାଲୋଚକଙ୍କ ବିରୁଦ୍ଧରେ ସୁରକ୍ଷା ଆଇନର ଅପବ୍ୟବହାର ବନ୍ଦ କରିବା, ଲୋକଙ୍କୁ ସୁରକ୍ଷା ଦେବା, ଗଣମାଧ୍ୟମ କର୍ମୀ ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବନ୍ଦ କରିବା ସୁନିଶ୍ଚିତ କରିବା ପାଇଁ ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ।

# ପ୍ରଗତି–ସ୍ପେଶାଲ ଷ୍ଟୋରି

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ କରିଛି । ଆଜି ଆସନ୍ତୁ ଏହି ବିଶେଷ ଶୃଙ୍ଖଳାରେ ଜାଣିବା ପ୍ରଗତି ବ୍ୟବସ୍ଥା ଦ୍ୱାରା ତଦାରଖ କରାଯାଉଥିବା ଜଳ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକ ଉପରେ ।

ଜଳ ଶକ୍ତି ମନ୍ତ୍ରଣାଳୟ ଜଳ ସମ୍ପଦ ପରିଚାଳନା, ପାନୀୟ ଜଳ ଯୋଗାଣ, ପରିମଳ ଏବଂ ନଦୀ ପୁନରୁଦ୍ଧାର ସହିତ ଜଡିତ ନୀତି, କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପଗୁଡ଼ିକର ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ କରିଥାଏ । ବର୍ତ୍ତମାନ, ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ସହିତ ଜଡିତ ପ୍ରକଳ୍ପ ନିରୀକ୍ଷଣ ଗୋଷ୍ଠୀ ପୋର୍ଟାଲରେ ୨ ଲକ୍ଷ ୮୬ ହଜାର ୩୪୩ କୋଟି ଟଙ୍କା ବିନିଯୋଗ ସହିତ ୯୩ଟି ପ୍ରକଳ୍ପ ତଦାରଖ କରାଯାଉଛି ।

ପ୍ରକଳ୍ପ ପୋର୍ଟଫୋଲିଓରେ ଜଳସେଚନ ଅଧୀନରେ ୬୬ଟି ପ୍ରକଳ୍ପ, ସ୍ୱେରେଜ ସଂଗ୍ରହ, ନିଷ୍କାସନ ଏବଂ ବିଶୁଦ୍ଧିକରଣ ଅଧୀନରେ ୨୬ଟି ପ୍ରକଳ୍ପ ଏବଂ ପିଏମଜି ପୋର୍ଟାଲରେ ଜଳ ସଂଗ୍ରହ, ବିଶୁଦ୍ଧିକରଣ ଏବଂ ଯୋଗାଣ ସହିତ ଜଡିତ ଗୋଟିଏ ପ୍ରକଳ୍ପ ଅନ୍ତର୍ଭୁକ୍ତ। ପିଏମଜି ପୋର୍ଟାଲରେ ତଦାରଖ କରାଯାଉଥିବା ୬୬ଟି ଜଳସେଚନ ପ୍ରକଳ୍ପ ମଧ୍ୟରୁ, ୪୩ ହଜାର ୫୮୩ କୋଟି ଟଙ୍କା ବିନିଯୋଗ ସହିତ ୧୦ଟି ପ୍ରାଥମିକତା ପ୍ରକଳ୍ପ ପ୍ରଗତି ବ୍ୟବସ୍ଥା ଅଧୀନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମୀକ୍ଷା କରାଯାଇଛି।

ଏଥିମଧ୍ୟରୁ ଗୋଟିଏ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ବେଳେ ନଅଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ମଧ୍ୟରୁ କେତେକ ପ୍ରକଳ୍ପର କାର୍ଯ୍ୟ ୭୦ ପ୍ରତିଶତ ଆଗେଇଥିବା ବେଳେ ଦୁଇଟି ପ୍ରକଳ୍ପ ୯୫ ପ୍ରତିଶତ ଅତିକ୍ରମ କରିଛି। ୨୭ଟି ଜଳସେଚନ ପ୍ରକଳ୍ପରେ ମୋଟ ୧୨୬ଟି ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏଥିମଧ୍ୟରୁ ୧୦୬ଟି ସମସ୍ୟାର ସମାଧାନ କରାଯାଇଛି, ଯେଉଁଥିରେ ପ୍ରଗତି-ସମୀକ୍ଷା ହୋଇଥିବା ପ୍ରକଳ୍ପ ସହିତ ୧୪ଟି ସମସ୍ୟା ଅନ୍ତର୍ଭୁକ୍ତ। ବଳକା ୨୦ଟି ସମସ୍ୟାକୁ ପ୍ରଗତି ବ୍ୟବସ୍ଥା ଅଧୀନରେ ସକ୍ରିୟ ଭାବରେ ତଦାରଖ କରାଯାଉଛି।

# ବିଜେପି-ନୀତିନ ନବୀନ ଗୋଆ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆଜିଠାରୁ ଦୁଇ ଦିନିଆ ଗୋଆ ଗସ୍ତରେ ଯିବେ। ଗସ୍ତ ସମୟରେ ସେ ଅନେକ ସାଂଗଠନିକ ବୈଠକରେ ଅଧ୍ୟକ୍ଷତା କରିବା ସହିତ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳର ବୁଥ୍ ସ୍ତରୀୟ କର୍ମୀଙ୍କ ସହ ଆଲୋଚନା କରିବେ। ଗୋଆରେ ବିଜେପିର ବୁଥ୍ ସ୍ତରୀୟ ସଂଗଠନକୁ ଆହୁରି ମଜବୁତ କରିବାରେ ଦଳର ସଭାପତିଙ୍କ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଗ୍ରହଣ କରିବା ପରେ ସେ ପ୍ରଥମେ ପଶ୍ଚିମବଙ୍ଗ ଗସ୍ତ କରିଥିଲେ ।

# କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ୮ ୱିକେଟ୍‌ରେ ୟୁ.ପି. ୱାରିୟର୍ସ୍‌କୁ ପରାସ୍ତ କରିଛି । ଗୁଜରାଟର ଭଦୋଦରା ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୪୪ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୩ ଓଭର ଗୋଟିଏ ବଲ୍‌ରେ ୨ ୱିକେଟ୍ ବିନିମୟରେ ୧୪୭ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ୟୁ.ପି.

ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୩ରନ୍ କରିଥିଲା ।

ଆଜି ଏହି ଶୃଙ୍ଖଳାରେ ଭଦୋଦରା ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜରାଟ ଜାଏଣ୍ଟସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।